## ପାକିସ୍ତାନର ନକଲି ମାନଚିତ୍ର ପ୍ରଦର୍ଶନର ପ୍ରତିବାଦ

# ଭାରତର ଏସ୍‌ସିଓ ବୈଠକ ବର୍ଜନ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:**

ରୁଷିଆର ରାଜଧାନୀ ମସ୍କୋରେ ମଙ୍ଗଳବାର ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ଭର୍ଚୁଆଲ ବୈଠକରେ ପାକିସ୍ତାନ ଭାରତ-ପାକ୍ ସୀମାକୁ ଭୁଲ ଭାବରେ ଚିତ୍ରଣ କରି ଏକ ନକଲି ମାନଚିତ୍ର ପ୍ରଦର୍ଶନ କରିବାରୁ ଭାରତ ଏହି ବୈଠକ ବର୍ଜନ କରିଥିଲା। ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ଏହି ଏସସିଓ ବୈଠକରେ ପାକିସ୍ତାନର ଜାତୀୟ ସୁରକ୍ଷା ପରାମର୍ଶଦାତା ଏଭଳି ନକଲି ମାନଚିତ୍ର ପ୍ରଦର୍ଶନ କରିବାରୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ବୈଠକରୁ ଉଠି ଚାଲିଆସିଥିଲେ।

ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ପାକ୍ ଏନ୍‌ଏସ୍‌ଏ ଉଦ୍ଦେଶ୍ୟମୂଳକ ଭାବେ ନକଲି ମାନଚିତ୍ର ପ୍ରଦର୍ଶନ କରିଥିଲେ। ଏହା ଏସ୍‌ସିଓ ବୈଠକର ନିୟମ ଉଲ୍ଲଙ୍ଘନ କରିଛି। ସେ ଆହୁରି କହିଲେ, ପାକିସ୍ତାନ ଏପରି କରିବ ବୋଲି ପୂର୍ବରୁ ଅନୁମାନ



କରାଯାଉଥିଲା। ଏହି ନକଲି ମାନଚିତ୍ରରେ ଭାରତର କେତେକ ଅଞ୍ଚଳକୁ ପାକିସ୍ତାନର ଅଂଶ ଭାବେ ଦର୍ଶାଯାଇଛି। ଯାହାକି ଏସ୍‌ସିଓ ନିୟମର ଉଲ୍ଲଙ୍ଘନ ହୋଇଛି। ଉଲ୍ଲେଖଯୋଗ୍ୟ ପାକିସ୍ତାନକୁ ଏପରି ନକରିବା ପାଇଁ ଏହି ବୈଠକର ଅଧ୍ୟକ୍ଷରାଷ୍ଟ୍ର ରୁଷିଆର ଜାତୀୟ ସୁରକ୍ଷା ପରାମର୍ଶଦାତା ନିକୋଲାଇ ପାତ୍ରୁସେଭ୍ ବହୁବାର କହିବା ସତ୍ତ୍ୱେ ପାକିସ୍ତାନ ବାରମ୍ବାର ନକଲି ମାନଚିତ୍ର ପ୍ରଦର୍ଶନ କରିଥିଲା। ତେବେ ଅଜିତ୍ ଡୋଭାଲ ବୈଠକରେ ଅଧ୍ୟକ୍ଷତା କରୁଥିବା ରୁଷିଆର ଜାତୀୟ ସୁରକ୍ଷା

▶▶ ୭